# NATIONAL NEWS BULLETIN (ODIA)
## 24th September - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଦେଶର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଇକୋସିଷ୍ଟମ୍‌କୁ ୬୯ ହଜାର ୭୨୫ ଟଙ୍କା ବ୍ୟୟ ଅଟକଳରେ ପୁନର୍ଜୀବିତ କରିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ।

- ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାରେ ୨୧ ମହିଳାଙ୍କ ସମେତ ୭୧ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ।

- ପ୍ରଖ୍ୟାତ କନ୍ନଡ଼ ସାହିତ୍ୟିକ ଏସ୍.ଏଲ୍. ଭାୟାରାପ୍ପାଙ୍କ ପରଲୋକରେ ଶୋକପ୍ରକାଶ କଲେ ରାଷ୍ଟ୍ରପତି, ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସୁପର ଫୋର୍ ପର୍ଯ୍ୟାୟରେ ଆଜି ରାତି ୮ଟାରେ ଭାରତ ଭେଟିବ ବାଂଲାଦେଶକୁ ।

# କ୍ୟାବିନେଟ୍ - ସି.ସି.ଇ.ଏ.

ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଇକୋସିଷ୍ଟମ୍‌କୁ ପୁନର୍ଜୀବିତ କରିବାପାଇଁ କେନ୍ଦ୍ର କ୍ୟାବିନେଟ୍ ଆଜି ୬୯ ହଜାର ୭୨୫ କୋଟି ଟଙ୍କାର ଏକ ପ୍ୟାକେଜ୍‌କୁ ଅନୁମୋଦନ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ୟାକେଜ୍ ଘରୋଇ କ୍ଷମତାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଆର୍ଥିକ ସହାୟତାକୁ ଉନ୍ନତ କରିବା, ସବୁଜ କ୍ଷେତ୍ର ଏବଂ ବ୍ରାଉନ୍ ଫିଲ୍ଡ୍ ଜାହାଜ ନିର୍ମାଣ ବିକାଶକୁ ପ୍ରୋତ୍ସାହିତ କରିବାପାଇଁ ଏକ ୪ ସ୍ତରୀୟ ପଦ୍ଧତି ପ୍ରଚଳନ କରୁଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହା ବୈଷୟିକ କ୍ଷମତା ଏବଂ ଦକ୍ଷତା ବୃଦ୍ଧି କରିବା ସହିତ ଏକ ଦୃଢ଼ ସାମୁଦ୍ରିକ ଭିତ୍ତିଭୂମି ସୃଷ୍ଟି କରିବାପାଇଁ ଆଇନଗତ, ଟିକସ ଏବଂ ନୀତିଗତ ସଂସ୍କାରକୁ କାର୍ଯ୍ୟକାରୀ କରିବ । ମନ୍ତ୍ରୀ କହିଛନ୍ତି, ଏହି ପ୍ୟାକେଜ୍ ଅଧୀନରେ ଜାହାଜ ନିର୍ମାଣ ଆର୍ଥିକ ସହାୟତା ଯୋଜନାକୁ ୨୦୩୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବ । ଏହାର ମୋଟ୍ କର୍ପସ୍ ୨୪ ହଜାର ୭୩୬ କୋଟି ଟଙ୍କା ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏହି ଯୋଜନା ଭାରତରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବାପାଇଁ ଲକ୍ଷ୍ୟ ରଖିଛି ଏବଂ ଏଥିରେ ୪ ହଜାର କୋଟି ଟଙ୍କାରୁ ଅଧିକ ଆବଣ୍ଟନ ସହିତ ଏକ ଜାହାଜ ଭାଙ୍ଗିବା କ୍ରେଡିଟ୍ ନୋଟ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ମନ୍ତ୍ରୀ କହିଛନ୍ତି,

ସମସ୍ତ ପଦକ୍ଷେପର କାର୍ଯ୍ୟାନ୍ୱୟନ ତଦାରଖ କରିବାପାଇଁ ଏକ ଜାତୀୟ ନିର୍ମାଣ ମିଶନ ମଧ୍ୟ ପ୍ରତିଷ୍ଠା କରାଯିବ ।

ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ୧୦ ଲକ୍ଷ ୯୧ ହଜାର ରେଳ କର୍ମଚାରୀଙ୍କୁ ୧ ହଜାର ୮୬୫ କୋଟି ଟଙ୍କାରୁ ଅଧିକ ୭୮ ଦିନର ଉତ୍ପାଦକତା ଲିଙ୍କ୍ ବୋନସ୍-ପି.ଏଲ୍.ବି. ପ୍ରଦାନ କରିବାକୁ ଅନୁମୋଦନ କରିଛି ।

ପ୍ରତିବର୍ଷ ଦୁର୍ଗାପୂଜା ଏବଂ ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପି.ଏଲ୍.ବି. ପ୍ରଦାନ କରାଯାଇଥାଏ । ରେଳ କର୍ମଚାରୀଙ୍କୁ ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ସହ ପ୍ରେରଣା ଦେବାପାଇଁ ପି.ଏଲ୍.ବି. ଏକ ପ୍ରୋତ୍ସାହନ ଭାବେ କାର୍ଯ୍ୟ କରିଥାଏ । ଶ୍ରୀ ବୈଷ୍ଣବ କହିଛନ୍ତି, ପଞ୍ଚଦଶ ଅର୍ଥ କମିଶନ୍ ୨୦୨୧-୨୨ରୁ ୨୦୨୫-୨୬ ଅବଧି ପାଇଁ ୨ ହଜାର ୨୭୭ କୋଟି ଟଙ୍କାରୁ ଅଧିକ ବ୍ୟୟ ସହିତ ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ଉପରେ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ବିଭାଗ-ଡି.ଏସ୍.ଆଇ.ଆର୍., ବୈଜ୍ଞାନିକ ଏବଂ ଶିଳ୍ପ ପରିଷଦ-ସି.ଏସ୍.ଆଇ.ଆର୍. ଯୋଜନାକୁ ଅନୁମୋଦନ କରିଛି । ସେ କହିଛନ୍ତି, ଏହି ଯୋଜନା ସି.ଏସ୍.ଆଇ.ଆର୍.ଦ୍ୱାରା କାର୍ଯ୍ୟକାରୀ ହେଉଛି ଏବଂ ଏହା ଦେଶର ସମସ୍ତ ଗବେଷଣା ଓ ବିକାଶ ପ୍ରତିଷ୍ଠାନ, ଜାତୀୟ ପ୍ରୟୋଗଶାଳା, ଜାତୀୟ ଗୁରୁତ୍ୱ ପ୍ରତିଷ୍ଠାନ, ପ୍ରସିଦ୍ଧ ପ୍ରତିଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ । ମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟ, ଶିଳ୍ପ, ଜାତୀୟ

ଗବେଷଣା, ବିକାଶ ପ୍ରୟୋଗଶାଳା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜୀବିକା ଗଠନ କରିବାକୁ ଆକାଂକ୍ଷୀ ଯୁବକ, ଉତ୍ସାହୀ ଗବେଷକଙ୍କପାଇଁ ଏକ ବିସ୍ତୃତ ମଞ୍ଚ ପ୍ରଦାନ କରେ । ସେ କହିଛନ୍ତି, ପ୍ରସିଦ୍ଧ ବୈଜ୍ଞାନିକ ଏବଂ ପ୍ରଫେସରମାନଙ୍କ ମାର୍ଗଦର୍ଶନରେ ଏହି ଯୋଜନା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଇଞ୍ଜିନିୟରିଂ, ଚିକିତ୍ସା ଏବଂ ଗାଣିତିକ ବିଜ୍ଞାନ - STEMMରେ ଅଭିବୃଦ୍ଧିକୁ ମଧ୍ୟ ବିଶେଷ ଭାବରେ ପ୍ରୋତ୍ସାହିତ କରିବ ।

ଶ୍ରୀ ବୈଷ୍ଣବ କହିଛନ୍ତି, କ୍ୟାବିନେଟ୍ ଦେଶର ସ୍ନାତକୋତ୍ତର ଏବଂ ସ୍ନାତକୋତ୍ତର ଚିକିତ୍ସା ଶିକ୍ଷା କ୍ଷମତାର ଏକ ବଡ଼ ବିସ୍ତାରକୁ ମଧ୍ୟ ଅନୁମୋଦନ କରିଛି । ବିଶେଷକରି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା CSSର ତୃତୀୟ ପର୍ଯ୍ୟାୟ ସହିତ ୫ ହଜାର ସ୍ନାତକୋତ୍ତର ଆସନକୁ ଯୋଡ଼ିବା ସହିତ CSSର ସମ୍ପ୍ରସାରଣଦ୍ୱାରା ୫ ହଜାର ୨୩ଟି ଅଧିକ MBBS ଆସନ ସୃଷ୍ଟି ହୋଇଛି ।

***Voice (Baishnav - PC)*** :..............

ମନ୍ତ୍ରୀ ଆହୁରି କହିଛନ୍ତି, ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି-CPEA ଆଜି ୨ ହଜାର ୧୯୨ କୋଟି ଟଙ୍କା ବ୍ୟୟରେ ବିହାରର ବଖତିୟାପୁର-ରାଜଗିର-ତିଲାଇୟା ରେଳଲାଇନ୍ ସେକ୍ସନ୍‌କୁ ଦୋହରୀକରଣ କରିବାକୁ ମଧ୍ୟ ଅନୁମୋଦନ କରିଛି । ସେ କହିଛନ୍ତି, ବିହାରର ୪ଟି ଜିଲ୍ଲା ଆସୁଥିବା ଏହି ପ୍ରକଳ୍ପ ରେଳପଥର ନେଟ୍‌ୱାର୍କକୁ ୧୦୪ କିଲୋମିଟର ବୃଦ୍ଧି କରିବ । ଏହା ରାଜଗିର (ଶାନ୍ତସ୍ତୂପ), ନାଳନ୍ଦା ଏବଂ ପାୱାପୁରି ଭଳି

ସ୍ଥାନଗୁଡ଼ିକୁ ମଧ୍ୟ ରେଳ ସଂଯୋଗ ବୃଦ୍ଧି କରିବ, ଯାହାଦ୍ୱାରା ପର୍ଯ୍ୟଟନର ବିକାଶ ହୋଇପାରିବ ।

ଶ୍ରୀ ବୈଷ୍ଣବ କହିଛନ୍ତି, କ୍ୟାବିନେଟ୍ ବିହାରରେ ଜାତୀୟ ରାଜପଥ ୧୩୯-Wର ୪ ଲେନ୍ ସାହେବଗଞ୍ଜ-ଆରେରାଜ-ବେଟିଆ ସେକ୍ସନ୍‌କୁ ହାଇବ୍ରିଡ୍ ଆନୁଇଟି ମୋଡ୍‌ରେ ନିର୍ମାଣ କରିବାକୁ ମଧ୍ୟ ଅନୁମୋଦନ କରିଛି । ଏହି ପ୍ରକଳ୍ପର ଦୈର୍ଘ୍ୟ ପ୍ରାୟ ୭୯ କିଲୋମିଟର ଏବଂ ମୂଲ୍ୟ ୩ ହଜାର ୮୨୨ କୋଟି ଟଙ୍କାରୁ ଅଧିକ ହେବ । ୪ ଲେନ୍ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ୍ ପ୍ରକଳ୍ପ ପାଟନା-ବେଟିଆ ମଧ୍ୟରେ ସଂଯୋଗୀକରଣକୁ ଉନ୍ନତ କରିବା ସହିତ ଉତ୍ତର ବିହାର ଜିଲ୍ଲା ଏବଂ ଭାରତ-ନେପାଳ ସୀମାନ୍ତ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକୁ ମଧ୍ୟ ସଂଯୋଗ କରିବ ବୋଲି ମନ୍ତ୍ରୀ କହିଛନ୍ତି ।

***Voice (Baishnav - Doubleline)*** :.........

## ଛତିଶଗଡ଼ - ମାଓଇଷ୍ଟ

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାରେ ଆଜି ୨୧ ମହିଳାଙ୍କ ସମେତ ମୋଟ୍ ୭୧ ଜଣ ମାଓବାଦୀ ସୁରକ୍ଷା କର୍ମୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କ ଉପରେ ମୋଟ୍ ୬୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା ବୋଲି ପୁଲିସ୍ କହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ଚାଲିଥିବା 'ଲୋନ୍ ଭାରାତୁ' ବା ଗୃହକୁ ଫେରିବା ଅଭିଯାନ ପ୍ରଭାବରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି । ରାଜ୍ୟ ସରକାରଙ୍କ ପୁନଃ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହିତ ଦକ୍ଷତା ବିକାଶ ତାଲିମ୍ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ୍ କହିଛି ।

## କନ୍ନଡ୍ - ଡକ୍ଟର ଏସ୍.ଏଲ୍. ଭାୟାରାପ୍ପା

ପ୍ରସିଦ୍ଧ କନ୍ନଡ଼ ଲେଖକ ଡକ୍ଟର ଏସ୍.ଏଲ୍. ଭାୟାରାପ୍ପାଙ୍କର ଆଜି ବେଙ୍ଗାଲୁରୁଠାରେ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟଜନିତ ରୋଗ ଓ ଶାରୀରିକ ଅସୁସ୍ଥତା ଯୋଗୁଁ ୯୪ ବର୍ଷୀୟ ଭାୟାରାପ୍ପାଙ୍କର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା ସମୟରେ ମୃତ୍ୟୁ ଘଟିଛି । ୨୫ରୁ ଊର୍ଦ୍ଧ୍ୱ ଉପନ୍ୟାସର ରଚୟିତା ଭାୟାରାପ୍ପାଙ୍କର କନ୍ନଡ଼ ସାହିତ୍ୟ ସଂସ୍କୃତିର ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଭୂମିକା ରହିଛି । ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନପାଇଁ ୨୦୨୩ ମସିହାରେ କେନ୍ଦ୍ର ସରକାର ଭାୟାରାପ୍ପାଙ୍କୁ ପଦ୍ମଭୂଷଣ ଉପାଧିରେ ସମ୍ମାନିତ କରିଥିଲେ । ଏହାଛଡ଼ା ୨୦୧୫ରେ ସାହିତ୍ୟ ଏକାଡେମୀ ଫେଲୋସିପ୍‌ରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୨୦୧୦

ମସିହାରେ ସରସ୍ୱତୀ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି । ସାଧାରଣ ଜନତାଙ୍କ ଶେଷଦର୍ଶନ ସହ ସମ୍ମାନ ପ୍ରଦର୍ଶନ ନିମନ୍ତେ ଆସନ୍ତାକାଲି ପର୍ଯ୍ୟନ୍ତ ମହୀଶୂରରେ ଏହି ମହାନ୍ ଲେଖକଙ୍କର ପାର୍ଥିବ ଶରୀର ରଖାଯିବ । ଆସନ୍ତା ଶୁକ୍ରବାର ଦିନ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡ଼ିଛି ।

## ପ୍ରେଜ - କଣ୍ଡୋଲେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଖ୍ୟାତ କନ୍ନଡ଼ ସାହିତ୍ୟିକ ପଦ୍ମଭୂଷଣ ଡକ୍ଟର ଏସ୍.ଏଲ୍. ଭାୟାରାପ୍ପାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ସାହିତ୍ୟ, ସଂସ୍କୃତି, ବୌଦ୍ଧିକ ଚିନ୍ତାଧାରା, ଦର୍ଶନଶାସ୍ତ୍ର କ୍ଷେତ୍ରରେ ଡକ୍ଟର ଭାୟାରାପ୍ପାଙ୍କ ଅବଦାନ ଅତୁଳନୀୟ । ତାଙ୍କର ଅନବଦ୍ୟ ସୃଷ୍ଟି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଡକ୍ଟର ଭାୟାରାପ୍ପାଙ୍କ ବିୟୋଗରେ ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଗତ ୬ ଦଶନ୍ଧି ଧରି ଏହି ମହାନ୍ ସାହିତ୍ୟିକ ଭାରତୀୟ ଦର୍ଶନଶାସ୍ତ୍ର ପରମ୍ପରା ଏବଂ ସାମାଜିକ ସମସ୍ୟା ଉପରେ ବିଭିନ୍ନ ଲେଖା ମାଧ୍ୟମରେ ଆଲୋକପାତ କରିଆସିଛନ୍ତି । ତାଙ୍କ ବିୟୋଗ ସମାଜ ପ୍ରତି ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ଶାହା କହିଛନ୍ତି ।

# ସେବାପର୍ବ - ୱେଭ୍‌ସ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆଜି ଆସନ୍ତୁ ଜାଣିବା ଭାରତକୁ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବା ଦିଗରେ ନବସୃଜନତା ଓ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ସରକାରଙ୍କ ପକ୍ଷରୁ ଆୟୋଜିତ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଏବଂ ମନୋରଞ୍ଜନ ସମ୍ମିଳନୀ – ୱେଭ୍‌ସର ଉଦ୍ଦେଶ୍ୟ ସମ୍ପର୍କରେ :

ଦେଶର ନବସୃଜନତା, ସଂସ୍କୃତି ଏବଂ ଐତିହ୍ୟର ସୂକ୍ଷ୍ମ ଶକ୍ତି ମାଧ୍ୟମରେ ଭାରତକୁ ବିଶ୍ୱରେ ଏକ ଅଗ୍ରଣୀ ରାଷ୍ଟ୍ରଭାବେ ଗଢ଼ିତୋଳିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଦୃଷ୍ଟିକୋଣକୁ ସାକାର କରିବା ଲାଗି ଗତ ମଇ ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ୱେଭ୍‌ସ୍‌ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି ।

ଗୋଟିଏ ମଞ୍ଚରେ ମନୋରଞ୍ଜନ, ଗଣମାଧ୍ୟମ ଓ ଡିଜିଟାଲ୍ ନବସୃଜନତା କ୍ଷେତ୍ରର ବିଶ୍ୱବ୍ୟାପୀ ଷ୍ଟାର୍ଟଅପ୍, ଅଗ୍ରଣୀ ଶିକ୍ଷାନୁଷ୍ଠାନ, ନୀତି ନିର୍ଦ୍ଧାରକମାନଙ୍କୁ ଏକତ୍ରିତ କରାଯାଇଥିଲା । ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସୃଜନାତ୍ମକ ଅର୍ଥନୀତି ମାଧ୍ୟମରେ ଦେଶର ସାମଗ୍ରିକ

ଘରୋଇ ଉତ୍ପାଦକୁ ଏକ ସକାରାତ୍ମକ ସହାୟତା ମିଳିବ ବୋଲି ମତବ୍ୟକ୍ତ କରିଥିଲେ ।

## କ୍ରିକେଟ୍

ପୁରୁଷ ଟି-ଟ୍ୱେଣ୍ଟି ଏସିଆକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସୁପର ଫୋର୍ ପର୍ଯ୍ୟାୟରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଆଉ କିଛି ସମୟ ପରେ ମୁକାବିଲା ହେବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ ।

*****